କୋଶଲ ସମ୍ବାଦ

କୋଶଲର ସ୍ୱର, ଜନତାର ସମ୍ବାଦ

Koshalsambada.In / epaper
RNI REGD NO- ORORI/26A4694

ଦୈନିକ ଓଡ଼ିଆ ଖବର କାଗଜ

Koshalsambada.In / epaper
KOSHAL SAMBAD- Daily News Paper

Vol- 01 ■ No-47, Thursday 19 November 2026 ■ 4 pages : Rs. 2/ - ■ ପ୍ରଥମ ବର୍ଷ, ସଂଖ୍ୟା-୪୭ ■ ଗୁରୁବାର ୧୯ ନଭେମ୍ବର ୨୦୨୬■ ୪ ପୃଷ୍ଠା: ମୂଲ୍ୟ ୨/-ଟଙ୍କା

ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବ୍ୟବସ୍ଥାକୁ ମିଳିବ ନୂଆ ଶକ୍ତି, ଟିଟିଲାଗଡ଼ରେ ହେବ ୪୦୦ କେଭି ଗ୍ରିଡ୍ ସବ୍‌ଷ୍ଟେସନ୍



ଟିଟିଲାଗଡ଼: ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ଓ ଉପଭୋକ୍ତାଙ୍କୁ ଉନ୍ନତମାନର ବିଦ୍ୟୁତ୍ ସେବା ଯୋଗାଇ ଦେବା ଦିଗରେ ଏକ ବଡ଼ ପଦକ୍ଷେପ ନେବାକୁ ଯୋଜନା କରାଯାଉଛି। ଟିଟିଲାଗଡ଼ ଠାରେ ୪୦୦ କେଭି କ୍ଷମତା ବିଶିଷ୍ଟ ଏକ ଅତ୍ୟାଧୁନିକ ଗ୍ରିଡ୍ ସବ୍‌ଷ୍ଟେସନ୍ ପ୍ରତିଷ୍ଠା କରିବାର ପ୍ରସ୍ତାବ ଏହି ଅ ଳର ବିଦ୍ୟୁତ୍ ବ୍ୟବସ୍ଥାକୁ ନୂଆ ଦିଶା ଦେବାର ଆଶା ସୃଷ୍ଟି କରିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରାୟ ୨ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ ବୋଲି ସୂଚନା ଦିଆଯାଇଛି। ବର୍ତ୍ତମାନ ସମୟରେ ପଶ୍ଚିମ ଓଡ଼ିଶାରେ ଶିଳ୍ପାୟନ, କୃଷିକାର୍ଯ୍ୟ, ବ୍ୟବସାୟିକ ପ୍ରତିଷ୍ଠାନ ଓ ଘରୋଇ ବିଦ୍ୟୁତ୍ ବ୍ୟବହାର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏହା ସହିତ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଉପରେ ଚାପ ମଧ୍ୟ ବଢୁଛି। ଅନେକ ସମୟରେ ଲୋ-ଭୋଲଟ୍ରେଜ୍, ବିଦ୍ୟୁତ୍ ବିଭ୍ରାଟ ଓ ଅନିୟମିତ ଯୋଗାଣ ଯୋଗୁଁ ସାଧାରଣ ଉପଭୋକ୍ତାଙ୍କ ସହ କୃଷକ ଓ ବ୍ୟବସାୟୀମାନେ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ ଉଚ୍ଚକ୍ଷମତା ସମ୍ପନ୍ନ ଗ୍ରିଡ୍ ସବ୍‌ଷ୍ଟେସନ୍ ପ୍ରତିଷ୍ଠା ହେଲେ ବିଦ୍ୟୁତ୍ ପରିବହନ ଓ ବଣ୍ଟନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବାର ସମ୍ଭାବନା ରହିଛି। ବିଶେଷକରି ଟିଟିଲାଗଡ଼ ସମେତ ଆଖପାଖ ଅଞ୍ଚଳରେ ନୂତନ ଶିଳ୍ପ ପ୍ରତିଷ୍ଠା, କୃଷିଭିତ୍ତିକ ଉଦ୍ୟୋଗ ଓ କ୍ଷୁଦ୍ର ବ୍ୟବସାୟର ବିକାଶ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଅତ୍ୟନ୍ତ ଜରୁରୀ। (ଅବଶିଷ୍ଟାଂଶ ପୃଷ୍ଠା-୩ରେ)

ଆଦିବାସୀ ଶିକ୍ଷାକୁ ମିଳିବ ନୂଆ ଦିଶା

ଓଡ଼ିଶାରେ କାର୍ଯ୍ୟକ୍ଷମ ହେଲା ଆଉ ୨୪ ଏକଲବ୍ୟ ବିଦ୍ୟାଳୟ



ଭୁବନେଶ୍ୱର: ରାଜ୍ୟର ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି। ଓଡ଼ିଶାରେ ଆଉ ୨୪ଟି ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ଏହାଦ୍ୱାରା ରାଜ୍ୟରେ କାର୍ଯ୍ୟକ୍ଷମ ଏକଲବ୍ୟ ବିଦ୍ୟାଳୟ ସଂଖ୍ୟା ୭୧ରେ ପହଞ୍ଚିଛି। ଏହି ନୂଆ ବିଦ୍ୟାଳୟଗୁଡ଼ିକରେ ପ୍ରାୟ ୧,୪୪୦ ଆଦିବାସୀ ଛାତ୍ରଛାତ୍ରୀ ଶିକ୍ଷାର ସୁଯୋଗ ପାଇବେ। ଆଦିବାସୀ ଅଞ୍ଚଳରେ ଶିକ୍ଷାର ପ୍ରସାର ଏବଂ ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଦୁର୍ଗମ ଅଞ୍ଚଳରେ ରହୁଥିବା ଗରିବ ପରିବାରର ପିଲାମାନେ ଯେପରି ଉନ୍ନତ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଆବାସିକ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି। ତେବେ କେବଳ ବିଦ୍ୟାଳୟ ଖୋଲିବା ନୁହେଁ, ଶିକ୍ଷକ ନିଯୁକ୍ତି, ଆଧୁନିକ ପାଠପଢ଼ା, ଛାତ୍ରାବାସର ସୁବିଧା ଓ ଶିକ୍ଷାର ମାନ ବୃଦ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ଦାବି ହେଉଛି। ଏହି ପଦକ୍ଷେପ ଆଦିବାସୀ ଅ ଳର ଭବିଷ୍ୟତ ପିଢ଼ି ପାଇଁ ଏକ ନୂଆ ଆଶା ସୃଷ୍ଟି କରିଛି।





କୋଶଳ ସମ୍ବାଦ

ଗୁରୁବାର ୧୯ ନଭେମ୍ବର ୨୦୨୬



ଶିକ୍ଷାର ଆଲୋକ ପ୍ରତ୍ୟେକ ଘରେ ପହଞ୍ଚିଲେ ହିଁ ଗଢ଼ିବ ବିକଶିତ ଭାରତ

ପ୍ରଫୁଲ୍ଲ ରୋହିଦାସ
ସଂପାଦକ- କୋଶଳ ସମ୍ବାଦ
ଉଜ୍ୱଳପୁର ସୁନ୍ଦରଗଡ଼

ଶିକ୍ଷା ହେଉଛି ମଣିଷ ଜୀବନର ସବୁଠାରୁ ବଡ଼ ସମ୍ପଦ। ଧନ, ସମ୍ପତ୍ତି ଓ କ୍ଷମତା ମଣିଷକୁ କିଛି ସମୟ ପାଇଁ ସଫଳତା ଦେଇପାରେ, କିନ୍ତୁ ପ୍ରକୃତ ଶିକ୍ଷା ମଣିଷକୁ ଜୀବନସାରା ସମ୍ମାନର ସହ ବଞ୍ଚିବାର ରାସ୍ତା ଦେଖାଏ। ଏକ ସୁସ୍ଥ, ସମୃଦ୍ଧ ଓ ବିକଶିତ ସମାଜ ଗଠନ କରିବାକୁ ହେଲେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଅତ୍ୟନ୍ତ ଜରୁରୀ।

ଆଜି ଆମ ଦେଶ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ମହାକାଶ ଗବେଷଣା ଓ ଡିଜିଟାଲ୍ କ୍ଷେତ୍ରରେ ନୂଆ ନୂଆ ସଫଳତା ହାସଲ କରୁଛି। କିନ୍ତୁ ଏହି ଉନ୍ନତିର ପ୍ରକୃତ ଲାଭ ସେତେବେଳେ ମିଳିବ, ଯେତେବେଳେ ଗାଁର ଗରିବ ପରିବାରର ପିଲାଟିଏ ମଧ୍ୟ ଉନ୍ନତ ଶିକ୍ଷା ପାଇବାର ସୁଯୋଗ ପାଇବ। ସହରର ଆଧୁନିକ ବିଦ୍ୟାଳୟ ଓ ଗ୍ରାମା ଳର ସରକାରୀ ବିଦ୍ୟାଳୟ ମଧ୍ୟରେ ଥିବା ଶିକ୍ଷାଗତ ତାରତମ୍ୟ ଦୂର କରିବା ଆଜିର ସମୟର ବଡ଼ ଆହ୍ୱାନ।

ବିଶେଷକରି ଆଦିବାସୀ ଓ ଦୁର୍ଗମ ଅଞ୍ଚଳର ପିଲାମାନଙ୍କ ଶିକ୍ଷା ପ୍ରତି ସରକାର ଅଧିକ ଯତ୍ନବାନ ହେବା ଆବଶ୍ୟକ। ଅନେକ ଅଞ୍ଚଳରେ ବିଦ୍ୟାଳୟ ଥିଲେ ମଧ୍ୟ ଆବଶ୍ୟକ ଶିକ୍ଷକ, ଶ୍ରେଣୀଗୃହ, ପାନୀୟ ଜଳ, ଶୌଚାଳୟ ଓ ଡିଜିଟାଲ୍ ଶିକ୍ଷାର ସୁବିଧା ଅଭାବ ଦେଖାଯାଉଛି। କେବଳ ନୂଆ ବିଦ୍ୟାଳୟ ଖୋଲିଦେଲେ ଶିକ୍ଷାର ବିକାଶ ହୋଇପାରିବ ନାହିଁ; ସେଠାରେ ଗୁଣାତ୍ମକ ଶିକ୍ଷା, ଦକ୍ଷ ଶିକ୍ଷକ ଓ ଉତ୍ତମ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ପଡ଼ିବ। ଶିକ୍ଷା କେବଳ ଚାକିରି ପାଇବାର ମାଧ୍ୟମ ନୁହେଁ। ଏହା ମଣିଷକୁ ନିଜ ଅଧିକାର, କର୍ତ୍ତବ୍ୟ ଓ ସାମାଜିକ ଦାୟିତ୍ୱ ବିଷୟରେ ସଚେତନ କରେ। ଜଣେ ଶିକ୍ଷିତ ନାଗରିକ ଅନ୍ୟାୟ ବିରୋଧରେ ସ୍ୱର ଉଠାଇପାରେ, ନିଜ ପରିବାରକୁ ଉନ୍ନତ କରିପାରେ ଓ ସମାଜର ବିକାଶରେ ଭାଗୀଦାର ହୋଇପାରେ।

ଏଥିପାଇଁ ସରକାରଙ୍କ ସହ ଅଭିଭାବକ, ଶିକ୍ଷକ, ସାମାଜିକ ସଂଗଠନ ଓ ସଚେତନ ନାଗରିକମାନଙ୍କର ମଧ୍ୟ ସମାନ ଦାୟିତ୍ୱ ରହିଛି। ପ୍ରତ୍ୟେକ ଶିଶୁ ବିଦ୍ୟାଳୟକୁ ଯାଉଛି କି ନାହିଁ, ଶିକ୍ଷା ଅଧାରୁ ଛାଡୁଛି କି ନାହିଁ ଏବଂ ତାକୁ ଉପଯୁକ୍ତ ଶିକ୍ଷା ମିଳୁଛି କି ନାହିଁ, ସେଥିପ୍ରତି ସମସ୍ତେ ଦୃଷ୍ଟି ଦେବା ଦରକାର।

ଶେଷରେ କହିବାକୁ ଗଲେ, ରାସ୍ତା, ପୋଲ, କୋଠାବାଡ଼ି ଓ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଦେଶର ବାହ୍ୟ ବିକାଶ ହୋଇପାରେ, କିନ୍ତୁ ଶିକ୍ଷିତ ମଣିଷ ହିଁ ଦେଶର ପ୍ରକୃତ ଶକ୍ତି। ତେଣୁ ଶିକ୍ଷାକୁ ମୌଳିକ ଅଧିକାର ସହିତ ଗୁଣାତ୍ମକ ସୁଯୋଗରେ ପରିଣତ କରିବା ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ। ପ୍ରତ୍ୟେକ ଘରେ ଶିକ୍ଷାର ଆଲୋକ ପହଞ୍ଚିଲେ ହିଁ ବିକଶିତ ଭାରତର ସ୍ୱପ୍ନ ସାକାର ହେବ।

ମୁକ୍ତିକାନ୍ତ ବିଶ୍ୱାଳଙ୍କ ସମର୍ଥନରେ ODMM ଓଡ଼ିଶା ଡିଜିଟାଲ୍ ମିଡିଆ ମହାସଂଘ



ରାଉରକେଲା: ରାଉରକେଲାରେ ଦେଶୀ ମଦଭାଟି ଖୋଲିବା ପାଇଁ ଟେଣ୍ଡର ଆହ୍ୱାନକୁ ନେଇ ବିବାଦ ତୀବ୍ର ହୋଇଛି। ଏହି ପ୍ରସଙ୍ଗରେ ମୁକ୍ତିକାନ୍ତ ବିଶ୍ୱାଳଙ୍କ ସମର୍ଥନରେ ଆଗକୁ ଆସିଛି ଓଡ଼ିଶା ଡିଜିଟାଲ୍ ମିଡିଆ ମହାସଂଘ **ODMM**ର ସଭାପତି ମନୋଜ ଶତପଥୀ ମୁକ୍ତିକାନ୍ତ ବିଶ୍ୱାଳଙ୍କ ସମର୍ଥନରେ ନିଜର ମତ ପ୍ରକାଶ କରିବା ସହ ଦେଶୀ ମଦଭାଟି ଟେଣ୍ଡର ଆହ୍ୱାନ ପ୍ରସଙ୍ଗରେ ପ୍ରଶାସନର ଆଭିମୁଖ୍ୟକୁ ତୀବ୍ର ବିରୋଧ କରିଛନ୍ତି। ଏଥିସହ **ODMM** ମୁକ୍ତିକାନ୍ତ ବିଶ୍ୱାଳଙ୍କ ସହିତ ରହିଛି ବୋଲି ସେ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ଜନସାଧାରଣଙ୍କ ଦାବି, ସାମାଜିକ ସ୍ୱାର୍ଥ ଓ ଅଞ୍ଚଳର ଭବିଷ୍ୟତକୁ ନେଇ ଉଠୁଥିବା ପ୍ରଶ୍ନଗୁଡ଼ିକୁ ପ୍ରଶାସନ ଗୁରୁତ୍ୱର ସହ ବିଚାର କରିବା ଆବଶ୍ୟକ। ଏହି ପ୍ରସଙ୍ଗରେ ଡଉଗଗର ସମର୍ଥନ ମୁକ୍ତିକାନ୍ତ ବିଶ୍ୱାଳଙ୍କ ଆନ୍ଦୋଳନକୁ ନୂଆ ଶକ୍ତି ଦେଇଛି। ଜନସ୍ୱାର୍ଥର ପ୍ରଶ୍ନରେ ଆମେ ନୀରବ ରହିବୁ ନାହିଁ। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା ହିଁ ଗଣମାଧ୍ୟମର ଦାୟିତ୍ୱ

ଭାଲେରିର ରାଧା-କୃଷ୍ଣ ମନ୍ଦିରରେ ପବିତ୍ର ଅଁଳା ନବମୀ ଓ ରାଧା ପାଦ ଦର୍ଶନ

ଅଁଳା ନବମୀରେ ରାଧାପାଦ ଦର୍ଶନର ମାହାତ୍ମ୍ୟ



ରାମନାଗୁଡ଼ା, ୧୮/୧୧ : ହିନ୍ଦୁ ଧର୍ମରେ ବାର ମାସରେ ତେର ପର୍ବ ରହିଛି। ସବୁ ପର୍ବର ନିଜର ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି। ଆଜି ହେଉଛି ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥି। ଏହି ପବିତ୍ର ତିଥିକୁ ଅଁଳା ନବମୀ ଭାବେ ପୂଜା କରିବାର ପରମ୍ପରା ରହିଛି। କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥି ପବିତ୍ର ଅଁଳା ନବମୀ ବା ଧାତ୍ରୀ ନବମୀ ତଥା ଶ୍ରୀରାଧା ପାଦ ଦର୍ଶନ ଯାତ୍ରା ରୂପେ ସୁପରିଚିତ। ବର୍ଷସାରା ଲୁଗା ଘେରରେ ଘୋଡ଼ାଇ ହୋଇଥିବା ମାନବୀ ରାଧାଙ୍କ ପାଦପଦ୍ମଦ୍ୱୟକୁ ବର୍ଷକେ ଥରେ ନବମୀ ଦିନ ଭକ୍ତମାନେ ଦର୍ଶନ କରି ଆଶିଷ ଲାଭ କରନ୍ତି। ଏଥିପାଇଁ ଏହି ଦିବସ ରାଧାପାଦ ଦର୍ଶନ ନାମରେ ପ୍ରସିଦ୍ଧ। ସାକ୍ଷୀଗୋପାଳର ଏହି ଯାତ୍ରା ପୁରୀ ରଥଯାତ୍ରା ପରେ ଦ୍ୱିତୀୟ ବଡ଼ ଯାତ୍ରା। କାର୍ତ୍ତିକ ମାସ ଶୁକ୍ଳପକ୍ଷ ଏକାଦଶୀ ପର୍ଯ୍ୟନ୍ତ ଏହି ଯାତ୍ରା ପାଳିତ ହୁଏ। କାର୍ତ୍ତିକ ଶୁକ୍ଳପକ୍ଷ ବଡ଼ ଏକାଦଶୀ ତିଥିରେ ସାକ୍ଷୀଗୋପାଳ ମନ୍ଦିରରେ ଠାକୁର ଶ୍ରୀ ଗୋପାଳଜୀଉ ଓ ଠାକୁରାଣୀ ଶ୍ରୀ ରାଧାରାଣୀଙ୍କର ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହୋଇଥାଏ। ବର୍ଷସାରା ଶ୍ରୀଜୀଉଙ୍କୁ ଗହମଜାତ ଦ୍ରବ୍ୟରୁ ପ୍ରସ୍ତୁତ ନୈବେଦ୍ୟ ଲାଗି କରାଯାଏ। କେବଳ ଏହି ଦିନ ସ୍ଥାନୀୟ ମୁଖ୍ୟ ଫସଲ ଧାନରୁ ପ୍ରସ୍ତୁତ ଚୁଡ଼ାରେ ଚୁଡ଼ାଘଷା ପ୍ରସ୍ତୁତ କରାଯାଇ ଭୋଗ ଦିଆଯାଏ।

ଭାଲେରିରେ ଭକ୍ତଙ୍କ ଭିଡ଼ : ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ଅଧୀନ ଉକୁୟା ଗ୍ରାମ ଅଧୀନ ଭାଲେରି ଗ୍ରାମରେ ଥିବା ରାଧା-କୃଷ୍ଣ ମନ୍ଦିରରେ ଆଜି ପବିତ୍ର ଅଁଳା ନବମୀ ଓ ରାଧା ପାଦ ଦର୍ଶନ ବଡ଼ ଆଡମ୍ବର ସହ ପାଳିତ ହୋଇଛି। ଆଜି ପବିତ୍ର ଅଁଳା ନବମୀ। ଏହାକୁ ଅକ୍ଷୟ ନବମୀ ବୋଲି ମଧ୍ୟ କୁହାଯାଏ। ଆଜି ଶ୍ରଦ୍ଧାଳୁମାନେ ରାଧାପାଦ ଦର୍ଶନ କରିବାର ସୌଭାଗ୍ୟ ପାଇଥାନ୍ତି। ହିନ୍ଦୁ ଧର୍ମରେ ଅଁଳା ନବମୀର ବିଶେଷ ମହତ୍ତ୍ୱ ରହିଛି। ବିଶ୍ୱାସ କରାଯାଏ ଯେ ଏହି ଦିନ ଦାନ କରିବା ଦ୍ୱାରା ଜଣେ ବ୍ୟକ୍ତି ବର୍ତ୍ତମାନ ତଥା ପରବର୍ତ୍ତୀ ଜୀବନରେ ସୁଖ ପ୍ରାପ୍ତ ହୋଇଥାଏ। ଶାସ୍ତ୍ର ଅନୁଯାୟୀ ଏହି ଦିନ ଅଁଳା ଗଛକୁ ପୂଜା କରାଯାଏ। କୁହାଯାଏ ଯେ ଏହା କରିବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ସମସ୍ତ ପାପ ନଷ୍ଟ ହୋଇଯାଏ ଏବଂ ସୁଖ ଓ ସମୃଦ୍ଧି ପ୍ରାପ୍ତ ହୁଏ। ଅଁଳା ନବମୀ ଦିନ ଅଁଳା ଗଛ ତଳେ ଖାଦ୍ୟ ପ୍ରସ୍ତୁତ ଏବଂ ଖାଇବାର ଏକ ବିଶେଷ ମହତ୍ତ୍ୱ ରହିଛି। ଏହି ଦିନ ଭଗବାନ ବିଷ୍ଣୁ କୁଶ୍ମାଣ୍ଡ ଭୂତକୁ ହତ୍ୟା କରିଥିଲେ। ଏହି ଦିନ ଭଗବାନ କୃଷ୍ଣ କଂସଙ୍କୁ ହତ୍ୟା କରିବା ପୂର୍ବରୁ ତିନୋଟି ଜଙ୍ଗଲକୁ ଘେରି ରହିଥିଲେ। ଅଁଳା ନବମୀରେ ପରିବାରର ମଙ୍ଗଳ କାମନା କରି ଭକ୍ତମାନେ ବୃକ୍ଷ ମୂଳେ ହଳଦୀ, ସିନ୍ଦୁର ଓ କ୍ଷୀର ଅର୍ପଣ କରିଛନ୍ତି। ଗଛରେ ନାଲି ସୂତା ଗୁଡ଼ାଇ ପୂଜା କରିବାର ପରମ୍ପରା ମଧ୍ୟ ରହିଛି। ଭାଲେରିର ରାଧା-କୃଷ୍ଣ ମନ୍ଦିରରେ ପବିତ୍ର ରାଧାପାଦ ଦର୍ଶନ ମିଳିଥାଏ। ଆଜି ମା'ଙ୍କ ଓଡ଼ିଆଣୀ ବେଶ ଦେଖିବାକୁ ମିଳିଛି। ଆଜିର ଦିନରେ ମା' ରାଧା ସମ୍ବଲପୁରୀ ଶାଢ଼ୀ ପରିଧାନ କରି ଖାଣ୍ଡି ଓଡ଼ିଆଣୀ ବେଶରେ ଦର୍ଶନ ଦେଇଛନ୍ତି। ଏହି ପବିତ୍ର ତିଥିରେ ଭାଲେରି ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ସେହିଭଳି ଲିହୁରି ଗ୍ରାମର ପ୍ରସିଦ୍ଧ ମନ୍ଦିର ସହ ବିଭିନ୍ନ ସ୍ଥାନରୁ ଏଠାରେ ଶ୍ରଦ୍ଧାଳୁ ଆସିଥିଲେ। ସୂଚନା ଅନୁଯାୟୀ, ସକାଳ ୫ଟା ପରଠାରୁ ସାହାଣମେଲା ଦର୍ଶନ ଚାଲିଛି। ଧାଡ଼ିରେ ଆସି ଦର୍ଶନ କରୁଛନ୍ତି ସାଧାରଣ ଭକ୍ତ। ଏହି ଦର୍ଶନ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ। ଏହାପରେ ପାଳିଆ ପରିବର୍ତ୍ତନ ଲାଗି ଅପରାହ୍ନ ୫ଟାରୁ ଅପରାହ୍ନ ୬ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରହିବ। ପୁଣିଥରେ ସନ୍ଧ୍ୟା ୬ଟାରୁ ରାତି ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିବ ସାହାଣମେଲା ଦର୍ଶନ।

ଶମ୍ଭୁଗୋପାଳ ମଠରେ ଶ୍ରୀରାଧା ପାଦ ଦର୍ଶନ



ଢେଙ୍କାନାଳ, ୧୮/୧୧ : ଢେଙ୍କାନାଳ ସହର ଶ୍ରୀ ଶ୍ରୀ ଶମ୍ଭୁଗୋପାଳ ମଠ ପ୍ରାଙ୍ଗଣରେ ପବିତ୍ର ଅଁଳା ନବମୀ ତିଥିରେ ଶ୍ରୀ ଶ୍ରୀ ରାଧା ପାଦ ଦର୍ଶନ ପୂଜା ଅନୁଷ୍ଠିତ ହୋଇଯାଇଅଛି । ପ୍ରଭାତରୁ ଶ୍ରୀବିଗ୍ରହଙ୍କ ନିମନ୍ତେ ନୂତନ ବସ୍ତ୍ର ପରିଧାନ ସହିତ ତୁଳସୀ ହାର ଓ ଅନ୍ୟାନ୍ୟ ଫୁଲମାଳ ଅର୍ପଣ କରାଯାଇଥିଲା । ପ୍ରଭାତରୁ କାର୍ତିକ ମାସ ନିମନ୍ତେ ଖେଚୁଡି ପ୍ରସାଦ ସହିତ ଅନ୍ୟାନ୍ୟ ମିଷ୍ଟାନ୍ନ ରସଗୋଲା, ଲଡୁ ଏବଂ ମଧ୍ୟାହ୍ନରେ ଅନ୍ନଧୂପ, ସଂଧ୍ୟାରେ ଆଳତି ଇତ୍ୟାଦି ଲାଗି କରାଯାଇଥିଲା । ଭକ୍ତମାନେ ଅଁଳା ବୃକ୍ଷକୁ ପୂଜନ କରିବା ସହିତ ମା' ରାଧାରାଣୀଙ୍କ ପାଦ ଦର୍ଶନ କରିଥିଲେ । ମୁଖ୍ୟ ପୂଜକ ବିଭୁତି ଭୂଷଣ ପଣ୍ଡା ଓ ସୁନିଲ୍ କୁମାର ମହାରଣାଙ୍କ ମାଧ୍ୟମରେ ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା । ଏହି କାର୍ଯ୍ୟକ୍ରମ ଶୁଶି ବାବାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।

ଲଟାବୁଦା ଘେରରେ ସମାସିଂହା-ସୋଡ଼ାମାଲ ରାସ୍ତା

ଝାରସୁଗୁଡା : କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହାରୁ ସୋଡ଼ାମାଲ ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ଏବେ ଲଟାବୁଦା ଘେରରେ ରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଲଟାବୁଦା ମାଡ଼ିଯାଇଥିବାରୁ ଯାତାୟାତ କରୁଥିବା ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଅଂଚଳରେ ଜନଅସନ୍ତୋଷ ବୃଦ୍ଧି ପାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଘଂଚ ଲଟାବୁଦା ମାଡ଼ି ଆସିଥିବାରୁ ବାଇକ୍ ଆରୋହୀଙ୍କ ସମେତ ଚାରିଚକିଆ ଯାନର ଚାଳକମାନେ ସମ୍ମୁଖରୁ ଆସୁଥିବା ଯାନବାହନକୁ ଠିକ୍ ଭାବେ ଦେଖିପାରୁ ନାହାନ୍ତି। ବିଶେଷକରି ବିଭିନ୍ନ ବୁଲାଣି ଓ ଅନ୍ଧାରିଆ ସ୍ଥାନରେ ଏହି ସମସ୍ୟା ଅଧିକ ଗମ୍ଭୀର ହୋଇପଡ଼ିଛି। ଫଳରେ ଯେକୌଣସି ସମୟରେ ବଡ଼ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏହି ସମସ୍ୟାକୁ ନେଇ ସୋଡ଼ାମାଲ ଅଂଚଳର ପ୍ରେମସାଗର ଧୁରୁଆ, ଆଂଚଳିକ ବିକାଶ ପରିଷଦର ସଭାପତି ଜିତେନ୍ଦ୍ରୀୟ ଧୁରୁଆ, ସାଧାରଣ ସମ୍ପାଦକ ଦକ୍ଷ ସମ୍ବିତ ନାଏକ ଏବଂ ସ୍ୱରୂପ କିସାନ ପ୍ରମୁଖ ଗଭୀର ଉଦ୍ୱେଗ ପ୍ରକାଶ କରିଛନ୍ତି।

ବାପ୍‌ଟିଷ୍ଟ ଚର୍ଚ୍ଚର ୭୫ତମ ମଣ୍ଡଳି ସ୍ଥାପନ ଦିବସ



ଢେଙ୍କାନାଳ, ୧୮/୧୧ : ଢେଙ୍କାନାଳ ସହରସ୍ଥିତ ବାପ୍‌ଟିଷ୍ଟ ଚର୍ଚ୍ଚର ଆଜି ତା'ର ୭୫ତମ ମଣ୍ଡଳି ସ୍ଥାପନ ଦିବସ ପାଳନ ହୋଇଯାଇଅଛି। ଏହି ସ୍ଥାପନ ଦିବସରେ ମଣ୍ଡଳିରେ ପ୍ରାୟ ୧୫୦ଜମ ସଭ୍ୟସଭ୍ୟା ଏବଂ ପିଲାମାନେ ଯୋଗଦେଇଥିଲେ। ଏହି ବିଶେଷ ଦିବସରେ ମୁଖ୍ୟବକ୍ତା ଭାବେ ରେଭେଡ୍ ନିରଞ୍ଜନ ତୁରୁକ୍ ଯୋଗଦେଇ ପ୍ରଭୁ ଜୀଶୁଙ୍କ ବାଣୀ ପରିପ୍ରକାଶ କରିଥିଲେ। ଏହି ବିଶେଷ କାର୍ଯ୍ୟକ୍ରମରେ ମଣ୍ଡଳିର ବରିଷ୍ଠ ସଭାପତି ପ୍ରେମାନନ୍ଦ ବିହାରୀ, କାର୍ଯ୍ୟକାରୀ ସଭାପତି ରବିନ୍ ଚନ୍ଦ୍ର ନାୟକ, ସଂପାଦକ ଅମରେନ୍ଦ୍ର ନାୟକ ଏବଂ ଯୁଗ୍ମ ସଂପାଦକ ଅବୟାନନ୍ଦ ବିହାରୀ ଏବଂ ସମସ୍ତ କର୍ମକର୍ତାବୃନ୍ଦ ଏହି କାର୍ଯ୍ୟରେ ସାହାଯ୍ୟ ସହଯୋଗ କରିଥିଲେ। ଏହି ଅବସରରେ ସହରର ବହୁ ମାନ୍ୟଗଣ୍ୟ ବ୍ୟତି ଓ ଅତିଥିବୃନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଢେଙ୍କାନାଳରେ 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍-୨୦୨୬' ଜିଲ୍ଲାସ୍ତରୀୟ ପାୱାରପଏଣ୍ଟ ଉପସ୍ଥାପନା ପ୍ରତିଯୋଗିତା



ଢେଙ୍କାନାଳ: ଢେଙ୍କାନାଳସ୍ଥିତ ପିଏମ୍ ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍-୨୦୨୬'ର ଜିଲ୍ଲା ଚାମ୍ପିୟନସିପ୍ ରାଉଣ୍ଡ ପାୱାରପଏଣ୍ଟ ଉପସ୍ଥାପନା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ଜିଲ୍ଲାର ବହୁ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରି ବିଭିନ୍ନ ବିଷୟରେ ନିଜସ୍ୱ ଚିନ୍ତାଧାରା, ଜ୍ଞାନ ଓ ସୃଜନଶୀଳତାକୁ ପାୱାରପଏଣ୍ଟ ମାଧ୍ୟମରେ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ।ମାଇଁ ଭାରତର ନିର୍ଦ୍ଦେଶକ ଶକ୍ତି ସ୍ୱରୂପ ସିଂହଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଦୟାନିଧି ପାତ୍ର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସ୍ୱାତୀରଞ୍ଜନ ସାହୁ, ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ଶିଳ୍ପ ଅଧିକାରୀ ପ୍ରେମାନନ୍ଦ ମିଶ୍ର, ପିଏମ୍ ଶ୍ରୀ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁନୀତାବାଳା ଷଡ଼ଙ୍ଗୀ ଏବଂ ସନ୍ତୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ମନୋଜ କୁମାର ମହାନ୍ତି ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କ ଉପସ୍ଥାପନାର ମୂଲ୍ୟାୟନ କରିଥିଲେ। (ଅବଶିଷ୍ଟାଂଶ ପୃଷ୍ଠା-୪ରେ)

ଡ୍ରେନ୍ ସମସ୍ୟାରେ ଘାଣ୍ଟି ହେଉଛନ୍ତି ଚୌକି ପଡ଼ାବାସୀ, ପ୍ରଶାସନର ନିରବତାକୁ ନେଇ ଅସନ୍ତୋଷ

ଝାରସୁଗୁଡ଼ା: ଝାରସୁଗୁଡ଼ା ପୌର ପରିଷଦର ୧୭ ନମ୍ବର ୱାର୍ଡ ଅନ୍ତର୍ଗତ ଚୌକିଦାର ପଡ଼ାରେ ଡ୍ରେନ୍ ସମସ୍ୟା ଦିନକୁ ଦିନ ଗୁରୁତର ହେବାରେ ଲାଗିଛି। ଦୀର୍ଘ ୧୫ ଦିନ ଧରି ଡ୍ରେନ୍ ସଫା କାର୍ଯ୍ୟ ଶେଷ ହୋଇନଥିବାରୁ ଦୂଷିତ ପାଣି ରାସ୍ତା ଉପରକୁ ବୋହି ଆସୁଛି। ଫଳରେ ଅଞ୍ଚଳବାସୀଙ୍କ ସମେତ ଯାତାୟାତ କରୁଥିବା ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଉପରେ ଦୂଷିତ ପାଣି ଜମି ରହିବା ଯୋଗୁଁ ପରିବେଶ ଦୁର୍ଗନ୍ଧମୟ ହୋଇପଡ଼ିଛି। ଏଥିସହ ମଶା ଓ ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବାରୁ ମ୍ୟାଲେରିଆ, ଡେଙ୍ଗୁ ଭଳି ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଡ୍ରେନ୍ ସଫା କାର୍ଯ୍ୟ ତୁରନ୍ତ ଶେଷ କରିବା ସହ ନିୟମିତ ସଫେଇ ବ୍ୟବସ୍ଥା କରିବାକୁ ସ୍ଥାନୀୟ ବାସିନ୍ଦା ସୀତା ଓରାମ, ଅମୀର ମହାନନ୍ଦ, ପରମେଶ୍ୱର ଗର୍ଡିଆ, କୁନ୍ତଳା ତନ୍ତୀ, ଡିଲେଶ୍ୱରୀ ଗରଡିଆ, ରମେଶ ତନ୍ତି ଓ ରବି ଓରାମ ପ୍ରମୁଖ ଦାବି କରିଛନ୍ତି।



କୋଶଳ ସମାଜ

ଗୁରୁବାର ୧୯ ନଭେମ୍ବର ୨୦୨୬



ଗର୍ଜନବାହାଲ ପାର୍କିଂ ନିକଟରେ ଭୟାବହ ଦୁର୍ଘଟଣା, ଟ୍ରେଲର ଧକ୍କାରେ ୨୨ ବର୍ଷୀୟ ଯୁବକଙ୍କ ମୃତ୍ୟୁ

ହେମଗିରି: ସୁନ୍ଦରଗଡ଼ ଜିଲ୍ଲାର ଗର୍ଜନବାହାଲ ପାର୍କିଂ ନିକଟରେ ଘଟିଛି ଏକ ଦୁଃଖଦ ସଡ଼କ ଦୁର୍ଘଟଣା। ଟ୍ରେଲର ଧକ୍କାରେ ଜଣେ ୨୨ ବର୍ଷୀୟ ଯୁବକଙ୍କ ଜୀବନ ଯାଇଛି। ମୃତ ଯୁବକ ହେଲେ ହେମଗିରି ଅଞ୍ଚଳର ଓମ୍ ପଟ୍ଟନାୟକ। ସୂଚନା ଅନୁଯାୟୀ, ଓମ୍ କୋଇଲା ଖଣିରେ କାମ ସାରି ନିଜ ବାଇକ୍ (**OD 16 K 1844**) ଯୋଗେ ଘରକୁ ଫେରୁଥିବା ସମୟରେ ଗର୍ଜନବାହାଲ ପାର୍କିଂ ନିକଟରେ ପଛପଟୁ ଆସୁଥିବା ଏକ ଟ୍ରେଲର ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ଯୁବକଙ୍କୁ ରାସ୍ତାର ବିପରୀତ



ପାର୍ଶ୍ୱକୁ ଘୋଷାଡ଼ି ନେଇଥିଲା। ଏଥିରେ ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଥିଲା। ପରେ ଅନ୍ୟ ଏକ ଟ୍ରାନ୍ସପୋର୍ଟ କମ୍ପାନୀର କ୍ୟାମ୍ପର ଗାଡ଼ି ଯୋଗେ ତାଙ୍କୁ ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ଓ ଏକ୍ସ-ରେ ପରେ ଅଧିକ ଚିକିତ୍ସା ପାଇଁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତରୀ ପରୀକ୍ଷା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଅକାଳ ମୃତ୍ୟୁ ଖବରରେ ହେମଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଭିତର ପୃଷ୍ଠାର ଅବଶିଷ୍ଟାଂଶ

ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବ୍ୟବସ୍ଥାକୁ ମିଳିବ ନୂଆ ...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)ଏହି ପ୍ରକଳ୍ପ ଭବିଷ୍ୟତରେ ଅଞ୍ଚଳର ଶିଳ୍ପ ଓ ଆର୍ଥିକ ବିକାଶକୁ ମଧ୍ୟ ସହାୟତା କରିପାରିବ। ନୂଆ ଗ୍ରିଡ୍ ସବ୍‌ଷ୍ଟେସନ୍ ନିର୍ମାଣ ହେଲେ ବିଦ୍ୟୁତ୍ ପରିବହନ କ୍ଷମତା ବୃଦ୍ଧି ସହ ଅଧିକ ଚାହିଦାକୁ ସହଜରେ ପୂରଣ କରିବାର ସୁଯୋଗ ସୃଷ୍ଟି ହେବ।
ତେବେ କେବଳ ପ୍ରକଳ୍ପ ଘୋଷଣା କରିଦେଲେ ହେବ ନାହିଁ। ଏହାର ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ, କେତେ ଅର୍ଥ ବ୍ୟୟ ହେବ ଏବଂ କେଉଁ ସମୟସୀମା ମଧ୍ୟରେ କାମ ଶେଷ ହେବ, ସେନେଇ ସ୍ପଷ୍ଟତା ରହିବା ଆବଶ୍ୟକ। ସେହିପରି ଗ୍ରାମା ଳର ଶେଷ ଉପଭୋକ୍ତା ପର୍ଯ୍ୟନ୍ତ ଉନ୍ନତ ବିଦ୍ୟୁତ୍ ସେବା ପହଞ୍ଚାଇବା ଉପରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା ଦରକାର।
ପଶ୍ଚିମ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଶକ୍ତି କ୍ଷେତ୍ରରେ ଭିତ୍ତିଭୂମି ସୁଦୃଢ଼ ହେବା ଅତ୍ୟନ୍ତ ଆବଶ୍ୟକ। ଟିଟିଲାଗଡ଼ରେ ପ୍ରସ୍ତାବିତ ଏହି ଗ୍ରିଡ୍ ସବ୍‌ଷ୍ଟେସନ୍ ବାସ୍ତବ ରୂପ ନେଲେ ଏହା କେବଳ ବିଦ୍ୟୁତ୍ ଯୋଗାଣକୁ ସୁଧାରିବ ନାହିଁ, ବରଂ ଅଞ୍ଚଳର ଶିଳ୍ପ, କୃଷି ଓ ଅର୍ଥନୈତିକ ପ୍ରଗତି ପାଇଁ ମଧ୍ୟ ଏକ ନୂଆ ସମ୍ଭାବନାର ଦ୍ୱାର ଖୋଲିବ।

ଢେଙ୍କାନାଳରେ 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍-୨୦୨୬

(ପୃଷ୍ଠା-୨ର ଅବଶିଷ୍ଟାଂଶ)ପ୍ରତିଯୋଗିତାରେ ହରିଶ କୁମାର ଜେନା ପ୍ରଥମ ସ୍ଥାନ ସହ ଆର୍ଥିକ ରାଶି ୩୦୦୦ ଟଙ୍କା, ଅଲିଶା ରାଉତ ଦ୍ୱିତୀୟସ୍ଥାନ ସହ ୨୦୦୦ ଟଙ୍କାଏବଂ ବିଷ୍ଣୁପ୍ରିୟା ପଣ୍ଡା ତୃତୀୟ ସ୍ଥାନ ସହ ୧୦୦୦ ଟଙ୍କା ପ୍ରାପ୍ତ କରିଥିଲେ। ଏହି କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହେବେ।କାର୍ଯ୍ୟକ୍ରମ ପରିଚାଳନାରେ ମାଇଁ ଭାରତର କର୍ମଚାରୀ ବିପ୍ରବର ବେହେରା, ସ୍ମୃତିରଞ୍ଜନ ସାହୁ ଓ ସ୍କ୍ରିପ୍ଟିଲି ବିଶ୍ୱାଳ ସହଯୋଗ କରିଥିଲେ। ଢେଙ୍କାନାଳ ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଏହି ପ୍ରତିଯୋଗିତା ଯୁବପିଢ଼ିଙ୍କ ନେତୃତ୍ୱ ଦକ୍ଷତା, ଆତ୍ମବିଶ୍ୱାସ, ସୃଜନଶୀଳତା ଓ ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଭୂମିକାକୁ ଉତ୍ସାହିତ କରିବା ଏକ ଉତ୍କୃଷ୍ଟ ମଞ୍ଚ ସାଜିଥିଲା।

ଧରୁଆଡିହି ଗାଁରେ ଦନ୍ତା ହାତୀର ଉତ୍ପାତ, ବାଡ଼ି ଓ ଧାନ କ୍ଷେତରେ ପଶି ଖାଉଛି ଫସଲ

ସୁନ୍ଦରଗଡ଼: ସୁନ୍ଦରଗଡ଼ ସଦର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ସାଲେପାଲି ସେକ୍ସନର ଧରୁଆଡିହି ଗ୍ରାମରେ ଏକ ଦନ୍ତା ହାତୀର ଉପସ୍ଥିତିକୁ ନେଇ ଅଞ୍ଚଳରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ହାତୀଟି ଗାଁ ଭିତରେ ବୁଲାବୁଲି କରିବା ସହ ବିଭିନ୍ନ ଲୋକଙ୍କ ବାଡ଼ିରେ ପଶି ପନିପରିବା ଓ ଆଖୁ ଖାଉଥିବା ବେଳେ ଧାନ କ୍ଷେତରେ ପଶି ପାଚିଲା ଧାନ ମଧ୍ୟ ଖାଉଛି। ଗାଁ ଭିତରେ ଦନ୍ତା



ହାତୀର ଏଭଳି ଗତିବିଧିକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଦେଖାଦେଇଛି। ଅନ୍ୟପକ୍ଷରେ ହାତୀକୁ ଦେଖିବା ପାଇଁ ଗ୍ରାମରେ ଲୋକଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳୁଛି। ସୂଚନା ଅନୁଯାୟୀ, ବନ ବିଭାଗ ହାତୀଟିର ଗତିବିଧି ଉପରେ ନଜର ରଖିଛି। ହାତୀଟି ଯେପରି କୌଣସି ଧନଜୀବନ କ୍ଷତି ନକରେ, ସେଥିପାଇଁ ଅଞ୍ଚଳବାସୀ ସତର୍କ ରହିବା ସହ ହାତୀ ନିକଟକୁ ନଯିବା ଏବଂ ତାକୁ ଉତ୍ତେଜିତ ନକରିବା ଆବଶ୍ୟକ। ଏଥିସହ ହାତୀର ଗତିପଥ ଉପରେ ବନ ବିଭାଗ ପକ୍ଷରୁ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

କଳିଙ୍ଗ ଉତ୍କଳ ଏକ୍ସପ୍ରେସରୁ ମହିଳାଙ୍କ ମୋବାଇଲ ଗାଏବ, ରେଳବାଇ ଥାନାରେ ଅଭିଯୋଗ

ଝାରସୁଗୁଡ଼ା: ପୁରୀରୁ ମଥୁରା ଯାଉଥିବା କଳିଙ୍ଗ ଉତ୍କଳ ଏକ୍ସପ୍ରେସରେ ଜଣେ ମହିଳା ଯାତ୍ରୀଙ୍କ ମୋବାଇଲ ଫୋନ୍ ଚୋରି ହୋଇଥିବା ନେଇ ରେଳବାଇ ପୁଲିସ ନିକଟରେ ଅଭିଯୋଗ ହୋଇଛି। ଆଦାୟ ୧ ଲକ୍ଷରୁ ୩୦ ହଜାରକୁ ଖସିଲା ବିଶେଷ ସୂତ୍ରରୁ ଜଣାପଡ଼ିଛି, ଦୁଇଟି ବସ୍‌ର ମାସିକ ଆଦାୟ ପ୍ରାୟ ଏକ ଲକ୍ଷ ଟଙ୍କା ହେଉଥିବା ବେଳେ ବର୍ତ୍ତମାନ ତାହା ଦୁଇଟି ବସ୍‌ର ମାସିକ ଆଦାୟ ୩୦ ହଜାର ଟଙ୍କା ମଧ୍ୟରେ ସୀମିତ ରହିଛି। ଜନସାଧାରଣ ଏବଂ ବୁଦ୍ଧିଜୀବୀଙ୍କ ମନରେ ବିନା କର୍ମଚାରୀରେ ଏହି ଆଦାୟ ଟିକେଟ୍ ଟଙ୍କା ରାଜକୋଷକୁ ଯାଉଛି ନା ବାଟମାରଣା ହେଉଛି, ତାହା ଏଠାରେ ବଡ଼ ପ୍ରଶ୍ନ ଅଟେ। ମୁଖ୍ୟମନ୍ତ୍ରୀ ବସ୍ ବ୍ଲକ୍ ସୁପରଭାଇଜର, ପରିଚାଳନା ସୁପରଭାଇଜର୍ ଓ ହେଡ୍ କଣ୍ଡକ୍ଟର

ସଫେଇ କର୍ମଚାରୀ ଓ ଜଗୁଆଳିଙ୍କ ଭରସାରେ ନୂତନ ବସ୍‌ଷ୍ଟାଣ୍ଡ

ରାମନାଗୁଡ଼ା, ୧୭/୧୧ (ବ୍ୟୁରୋ): ସରକାରଙ୍କ କୋଟି କୋଟି ଟଙ୍କା ବିନିଯୋଗରେ ରାୟଗଡ଼ା ଜିଲ୍ଲା ରାମନାଗୁଡ଼ାରେ ନୂତନ ଭାବେ ନିର୍ମିତ ହୋଇଥିବା ବସ୍‌ଷ୍ଟାଣ୍ଡ ଏବେ ସଫେଇ କର୍ମଚାରୀ ଓ ଜଗୁଆଳିଙ୍କ ଭରସାରେ ଚାଲୁଛି। **OSRTC** ଅଧୀନରେ ଥିବା ଦୁଇଟି ମୁଖ୍ୟମନ୍ତ୍ରୀ ବସ୍ ସେବା ଯଥା ଡଉ୧୮ଗୀ୨୪୨ - ରାମନାଗୁଡ଼ା ଭାୟା ପେନ୍‌କମ୍ ଓ **OD18M3364** - ରାମନାଗୁଡ଼ା ଭାୟା ଗୁମୁଡା ପ୍ରତିଦିନ ଚାଲୁଛି। ହେଲେ ଦୁର୍ଭାଗ୍ୟର ବିଷୟ, ଦୀର୍ଘ ଏକ ମାସ ହେଲା **OSRTC**ର କୌଣସି କର୍ମଚାରୀଙ୍କ ଅନୁପସ୍ଥିତିରେ ବସ୍ ସେବା ଚାଲୁଛି। କର୍ମଚାରୀ ଅଭାବ ନା କର୍ମଚାରୀ ସରକାରୀ ଦରମା ଖାଇ ଘରେ ଶୋଇଛନ୍ତି, ତାହା ସାଧାରଣ ଜନତାଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି। ଏହି ଖବର ଗୁଞ୍ଜରଣ ହେବା ପରେ ଆମେ **OSRTC** ଜିଲ୍ଲା ପରିଚାଳକଙ୍କ ମତାମତ ନେବାରୁ ସେ ପ୍ରଥମେ "ମୁଁ ଏ ବିଷୟରେ ଅବଗତ ନାହିଁ" ବୋଲି



କହିଥିଲେ। ପୁଣି ଥରେ ଫୋନ୍ ମାଧ୍ୟମରେ କହିଲେ ଯେ ଘଟଣାଟି ସତ୍ୟ ଅଟେ। ଜିଲ୍ଲା ପରିଚାଳକ ଶ୍ରୀ ବିଭୁ ପ୍ରସାଦ ତ୍ରିପାଠୀଙ୍କ କହିବା ଅନୁସାରେ, ରାମନାଗୁଡ଼ା ନୂତନ **OSRTC** ବସ୍‌ଷ୍ଟାଣ୍ଡ ପ୍ରାୟ ଏକ ମାସ ହେଲା ବିନା ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହି ଏକ ମାସ ମଧ୍ୟରେ ଅନେକ ଅନୈତିକ କାର୍ଯ୍ୟକଳାପ ଚାଲୁଥିବା ସର୍ବସାଧାରଣଙ୍କ ନଜରକୁ ଆସିଛି ଓ କିଛି ଭିଡିଓ ଭାଇରାଲ୍ ହେବା ନେଇ ଜନସାଧାରଣଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ଏହି ସବୁ ବିଷୟ **OSRTC** ଜିଲ୍ଲା ପରିଚାଳକଙ୍କ ନଜରକୁ ଆସିଥିଲେ ମଧ୍ୟ ସେ ନିଦାବିଷ୍ଟୁ ସାଜିଛନ୍ତି ବୋଲି ଅଭିଯୋଗ ହୋଇଛି। ଆଦାୟ ୧ ଲକ୍ଷରୁ ୩୦ ହଜାରକୁ ଖସିଲା ବିଶେଷ ସୂତ୍ରରୁ ଜଣାପଡ଼ିଛି, ଦୁଇଟି ବସ୍‌ର ମାସିକ ଆଦାୟ ପ୍ରାୟ ଏକ ଲକ୍ଷ ଟଙ୍କା ହେଉଥିବା ବେଳେ ବର୍ତ୍ତମାନ ତାହା ଦୁଇଟି ବସ୍‌ର ମାସିକ ଆଦାୟ ୩୦ ହଜାର ଟଙ୍କା ମଧ୍ୟରେ ସୀମିତ ରହିଛି। ଜନସାଧାରଣ ଏବଂ ବୁଦ୍ଧିଜୀବୀଙ୍କ ମନରେ ବିନା କର୍ମଚାରୀରେ ଏହି ଆଦାୟ ଟିକେଟ୍ ଟଙ୍କା ରାଜକୋଷକୁ ଯାଉଛି ନା ବାଟମାରଣା ହେଉଛି, ତାହା ଏଠାରେ ବଡ଼ ପ୍ରଶ୍ନ ଅଟେ। ମୁଖ୍ୟମନ୍ତ୍ରୀ ବସ୍ ବ୍ଲକ୍ ସୁପରଭାଇଜର, ପରିଚାଳନା ସୁପରଭାଇଜର୍ ଓ ହେଡ୍ କଣ୍ଡକ୍ଟର ଦୁର୍ଘଟଣାରେ ଛୁଟିରେ ଅଛନ୍ତି ବୋଲି କୁହାଯାଉଛି। ରାମନାଗୁଡ଼ା ନୂତନ **OSRTC** ବସ୍‌ଷ୍ଟାଣ୍ଡଟି ଜାତୀୟ ରାଜପଥ ୩୨୬ ନମ୍ବରରେ ଅବସ୍ଥିତ ହେବା ସତ୍ତ୍ୱେ ବସ୍‌ଷ୍ଟାଣ୍ଡରେ କେବଳ ଦୁଇଗୋଟି ମୁଖ୍ୟମନ୍ତ୍ରୀ ବସ୍ ସେବା ପ୍ରାପ୍ତ ହେଉଛି। ଉକ୍ତ ବସ୍‌ଷ୍ଟାଣ୍ଡରେ ୧୮ରୁ ୨୦ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏଠାରେ ପ୍ରକାଶ ଥାଉ ଯେ, ଓଡ଼ିଶା ସରକାରଙ୍କ ଦ୍ୱାରା କୋଟି କୋଟି ଟଙ୍କା ବିନିଯୋଗରେ ତିଆରି ବସ୍‌ଷ୍ଟାଣ୍ଡରୁ ଜନସାଧାରଣ ନିମ୍ନଲିଖିତ ସୁବିଧା ପାଇପାରୁ ନାହାଁନ୍ତି — ଯଥା ଶୌଚାଳୟ, ବିଶ୍ରାମଗାର, ଅନ୍ୟ ବସ୍‌କୁ ଅପେକ୍ଷା, ମୃଦୁ ପାନୀୟ ଜଳ। ଏହି ସବୁ ସୁବିଧା ଜନସାଧାରଣ ପାଇବେ ବୋଲି ସରକାରଙ୍କ ଦୂରଦୃଷ୍ଟି ଥିବା ସ୍ଥଳେ ଏହି ସ୍ଥାନରେ ସବୁବେଳେ ଫାଟକ ବନ୍ଦ ରହିବା ନଜର ଆସିଛି। ଯାହାଦ୍ୱାରା ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରାକୁ ଡଃଜଜଉ ରାମନାଗୁଡ଼ା ବସ୍ କର୍ମଚାରୀ ତଳିତଳାନ୍ତ କରୁଥିବା ନଜିର ଆସିଛି।

କଙ୍କଡାହାଡ଼ ବ୍ଲକ ସାମ୍ନାରେ ଧାରଣା ଦେଲେ ମହିଳା ସରପଞ୍ଚ ସୁମିତ୍ରା ପ୍ରଧାନ

ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ବିରିବୋଲେଇ ଗ୍ରାମ ପଞ୍ଚାୟତରେ ଦେଖାଦେଇଛି ଅସନ୍ତୋଷ। ପଞ୍ଚାୟତର ସରପଞ୍ଚ ସୁମିତ୍ରା ପ୍ରଧାନ ଧାରଣାରେ ବସିଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ ଶୁଶିଳ ସାହୁ ଓ ଜଗନ୍ନାଥ ଗଡ଼ନାୟକ ପଞ୍ଚାୟତରେ କୌଣସି ଉର୍ନ୍ନତି ମୂଳକ କାର୍ଯ୍ୟ କରାଇ ଦେବେ ନାହିଁ ବୋଲି କହୁଥିବା ଅଭିଯୋଗ ହୋଇଛି। ଯଦି ଜଣେ ନିର୍ବାଚିତ ସରପଞ୍ଚଙ୍କୁ ନିଜ ପଞ୍ଚାୟତରେ ଜନହିତକାରୀ କାର୍ଯ୍ୟ କରିବାରେ ବାଧା ଦିଆଯାଉଛି, ତେବେ ଏହା ନିଶ୍ଚିତ ଭାବେ ତଦନ୍ତର ବିଷୟ। ଏନେଇ ସରପଞ୍ଚ ସୁମିତ୍ରା ପ୍ରଧାନ କଙ୍କଡାହାଡ଼ ଗୋଷ୍ଠୀଉନ୍ନୟନ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିବା ଦସ୍ତାବିଜ ସାମ୍ନାକୁ ଆସିଛି। ହେଲେ ଏହି ଅଭିଯୋଗ ଉପରେ



ପ୍ରଶାସନର ପଦକ୍ଷେପ କ'ଣ, ? ତାହା ଏବେସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି !ଗୋଷ୍ଠି ଉନ୍ନୟନ ଅଧିକାରୀ କାହା ଚାପରେ ସେବା ଯୋଗାଉଛନ୍ତି !ଜଣେ ମହିଳା ସରପଞ୍ଚ ନିଜ ପଞ୍ଚାୟତରେ ଉର୍ନ୍ନତିକରଣ କାର୍ଯ୍ୟ କରାଇବା ପାଇଁ ଯଦି ଧାରଣାରେ ବସିବାକୁ ବାଧ୍ୟ ହେଉଛନ୍ତି, ତେବେ ବ୍ଲକ ପ୍ରଶାସନର ଭୂମିକା କ'ଣ ? ବିଡିଓ ମହାଶୟଙ୍କ ନିକଟରେ ଅଭିଯୋଗ ପହଞ୍ଚିବା ପରେ ମଧ୍ୟ ସମସ୍ୟାର ସମାଧାନ ହୋଇଛି କି ନାହିଁ? କେଉଁ କାରଣରୁ ପଞ୍ଚାୟତର କାର୍ଯ୍ୟକୁ ନେଇ ଏଭଳି ବିବାଦ ସୃଷ୍ଟି ହୋଇଛି ? ଘଟଣାର ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବା ସହିତ ବିରିବୋଲେଇ ପଞ୍ଚାୟତର ଜନହିତକାରୀ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏହାକୁ ଖାମଖିଆଲଭାବରେ ନେଇଛନ୍ତି !ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସର୍ବ ସାଧାରଣରେ ବୁଦ୍ଧିଜୀବୀ ନିନ୍ଦା କରିବା ସହ ଦୁଃଖ ପ୍ରକାଶ କରିଛନ୍ତି !

ରାଉରକେଲାରେ ନାମୀଦାମୀ କମ୍ପାନୀର ବିସ୍କୁଟ୍ ପ୍ୟାକେଟ୍‌ରୁ ବାହାରିଲା ପୋକ ! ଖାଦ୍ୟ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ





ରାଉରକେଲା: ରାଉରକେଲାର ଗଜପତି ମାର୍କେଟ୍‌ସ୍ଥିତ ଏକ ଦୋକାନରେ ବିକ୍ରି ହେଉଥିବା ଏକ ନାମୀଦାମୀ କମ୍ପାନୀର ବିସ୍କୁଟ୍ ପ୍ୟାକେଟ୍‌ରୁ ପୋକ ବାହାରିଥିବା ଘଟଣା ସାମ୍ନାକୁ ଆସିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଉକ୍ତ ବିସ୍କୁଟ୍ ପ୍ୟାକେଟ୍‌ର ମିଆଦ ଶେଷ ହେବାକୁ ଆହୁରି ୪ ମାସ ବାକି ଥିଲା। ଏହି ଘଟଣା ଖାଦ୍ୟ ସାମଗ୍ରୀର ଗୁଣବତ୍ତା ଓ ନିରାପତ୍ତାକୁ ନେଇ ସାଧାରଣ ଗ୍ରାହକଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ମିଆଦ ଶେଷ ହେବା ପୂର୍ବରୁ ଯଦି ଏକ ବିସ୍କୁଟ୍ ପ୍ୟାକେଟ୍‌ରୁ ପୋକ ବାହାରୁଛି, ତେବେ ଖାଦ୍ୟ ସାମଗ୍ରୀର ଉତ୍ପାଦନ, ପ୍ୟାକିଂ ଓ ବିତରଣ ବ୍ୟବସ୍ଥାର ଗୁଣବତ୍ତା ଯାଞ୍ଚ ହେବା ଅତ୍ୟନ୍ତ ଆବଶ୍ୟକ। ଏଣୁ ରାଉରକେଲାବାସୀଙ୍କୁ ଖାଦ୍ୟ ସାମଗ୍ରୀ କିଣିବା ସମୟରେ ସତର୍କ ରହିବା ସହ ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀମାନଙ୍କୁ ଏହି ଘଟଣାର ଉଚିତ ତଦନ୍ତ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅନୁରୋଧ। ଅନ୍ୟପକ୍ଷରେ, ଦୋକାନୀ ଏହି ଘଟଣା ପାଇଁ ବିସ୍କୁଟ୍ ନିର୍ମାତା କମ୍ପାନୀ ଓ ବିତରକଙ୍କୁ ଦାୟୀ କରିଛନ୍ତି। ତେବେ ଏହାର ପ୍ରକୃତ କାରଣ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ।



କୋଶଳ ସମ୍ବାଦ

ଅନ୍ତର୍ଜାତୀୟ ଖବର

ଭାରତୀୟ ନୌସେନାର ବଢ଼ିବ ଶକ୍ତି, ଇସ୍ରାଏଲ ସହ ୧,୯୭୬ କୋଟି ଟଙ୍କାର ପ୍ରତିରକ୍ଷା ଚୁକ୍ତି



ନୂଆଦିଲ୍ଲୀ,୧୮/୧୧: ଭାରତୀୟ ନୌସେନାର ସାମରିକ କ୍ଷମତାକୁ ଆହୁରି ମଜଭୁତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନେଇଛନ୍ତି କେନ୍ଦ୍ର ସରକାର। ଇସ୍ରାଏଲ ସହ ୧,୯୭୬.୪୦ କୋଟି ଟଙ୍କାର ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିଛି ଭାରତ। ଏହି ଚୁକ୍ତି ଅନୁସାରେ ଭାରତୀୟ ଯୁଦ୍ଧଜାହାଜରେ ମୁତୟନ ଥିବା ବାରାକ୍ (BARAK) ମିସାଇଲ୍ ଡିଫେନ୍ସ ସିଷ୍ଟମର ଆଧୁନିକୀକରଣ କରାଯିବ। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଇସ୍ରାଏଲର ପ୍ରତିରକ୍ଷା କମ୍ପାନୀ ଇସ୍ରାଏଲ ଏୟାରୋସ୍ପେସ୍ ଇଣ୍ଡଷ୍ଟ୍ରିଜ୍ (IAI) ସହ ଏହି ଚୁକ୍ତି କରାଯାଇଛି। ଏହା ଅଧୀନରେ ବାରାକ୍ ପଏ ଡିଫେନ୍ସ ମିସାଇଲ୍ ସିଷ୍ଟମର ଉଭୟ ହାର୍ଡୱେର୍ ଓ ସଫ୍ଟୱେରକୁ ଅପଗ୍ରେଡ୍ କରାଯିବ। ଏହି ଅପଗ୍ରେଡ୍ ଦ୍ୱାରା ମିସାଇଲ୍ ସିଷ୍ଟମର କାର୍ଯ୍ୟଦକ୍ଷତା ବଢ଼ିବା ସହ ଶତ୍ରୁପକ୍ଷର ମିସାଇଲ୍ ଓ ଅନ୍ୟାନ୍ୟ ଆକାଶମାର୍ଗୀୟ ବିପଦକୁ ଅଧିକ ଦକ୍ଷତାର ସହ ମୁକାବିଲା କରିବା ସମ୍ଭବ ହେବ। ଏହାର ପ୍ରତିରୋଧ କ୍ଷମତା ଓ ଲକ୍ଷ୍ୟଭେଦୀ ଦକ୍ଷତାରେ ମଧ୍ୟ ଉନ୍ନତି ଆଣିବା ଲକ୍ଷ୍ୟ ରହିଛି। ନଭେମ୍ବର ୧୮ ତାରିଖରେ ନୂଆଦିଲ୍ଲୀରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଉପସ୍ଥିତ ଥିଲେ। ପ୍ରତିରକ୍ଷା ମନ୍ତ୍ରଣାଳୟର 'ଅଦର୍ କ୍ୟାପିଟାଲ୍ ପ୍ରୋକ୍ୟୁରମେ ପ୍ରୋସିଜର ଅଧୀନରେ ଏହି ଚୁକ୍ତି କରାଯାଇଛି। ବାରାକ୍ ହେଉଛି ଏକ ଜାହାଜଭିତ୍ତିକ ଏୟାର ଡିଫେନ୍ସ ମିସାଇଲ୍ ସିଷ୍ଟମ୍। ଏହାର ମୁଖ୍ୟ କାର୍ଯ୍ୟ ହେଉଛି ଯୁଦ୍ଧଜାହାଜକୁ ଶତ୍ରୁପକ୍ଷର ମିସାଇଲ୍, ବିମାନ ଏବଂ ଅନ୍ୟାନ୍ୟ ଆକାଶମାର୍ଗୀୟ ଆକ୍ରମଣରୁ ସୁରକ୍ଷା ଦେବା। ଆଧୁନିକ ଯୁଦ୍ଧରେ ମିସାଇଲ୍ ଓ ଆକାଶମାର୍ଗରୁ ହେଉଥିବା ଆକ୍ରମଣର ପ୍ରଯୁକ୍ତି ଦ୍ରୁତଗତିରେ ବିକଶିତ ହେଉଛି। ତେଣୁ ନୌସେନାର ପୁରୁଣା ପ୍ରତିରକ୍ଷା ବ୍ୟବସ୍ଥାକୁ ଅତ୍ୟାଧୁନିକ କରିବା ଭାରତ ପାଇଁ ଜରୁରୀ ହୋଇପଡ଼ିଛି। ଭାରତର ବିଶାଳ ସାମୁଦ୍ରିକ ସୀମା ଏବଂ ରଣନୈତିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୌସେନାର ପ୍ରତିରକ୍ଷା କ୍ଷମତା ବୃଦ୍ଧି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବାରାକ୍ ମିସାଇଲ୍ ସିଷ୍ଟମର ଅପଗ୍ରେଡ୍ ଦ୍ୱାରା ଭାରତୀୟ ଯୁଦ୍ଧଜାହାଜଗୁଡ଼ିକ ଆକାଶମାର୍ଗୀୟ ବିପଦରୁ ଅଧିକ ସୁରକ୍ଷା ପାଇପାରିବେ। ଏହି ଚୁକ୍ତି ଭାରତ-ଇସ୍ରାଏଲ ପ୍ରତିରକ୍ଷା ସହଯୋଗକୁ ମଧ୍ୟ ଆହୁରି ମଜଭୁତ କରିବା ସହ ଭାରତୀୟ ନୌସେନାର ଆଧୁନିକୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚିତ ହେଉଛି।

କେବେ ଆସିବ ମୃତ୍ୟୁ, ଆଗୁଆ କହିଦେବ ଏଆଇ ! ୭୮% ସଠିକତାର ଦାବି



ମୃତ୍ୟୁ କେବେ ଆସିବ ? ଏହି ପ୍ରଶ୍ନର ଉତ୍ତର ଆଜି ପର୍ଯ୍ୟନ୍ତ କାହା ପାଖରେ ନାହିଁ । ନା ମଣିଷ ଜାଣିପାରିଛି, ନା ବିଜ୍ଞାନ ଏହାର ସଠିକ୍ ଉତ୍ତର ଦେଇପାରିଛି । କିନ୍ତୁ ଏବେ ଏହି ଅସମ୍ଭବକୁ ସମ୍ଭବ କରିବା ଦିଗରେ ଗବେଷଣା ଆରମ୍ଭ କରିଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଇଓ । ଆପଣଙ୍କ ଜନ୍ମ ତାରିଖ, ଶିକ୍ଷା, ରୋଜଗାର, ସ୍ୱାସ୍ଥ୍ୟ ଏବଂ ଜୀବନଶୈଳୀର ତଥ୍ୟକୁ ବିଶ୍ଳେଷଣ କରି ଇଓ ଅନୁମାନ କରିପାରିବ ଯେ ଆଗାମୀ ଦିନରେ ଆପଣଙ୍କର ମୃତ୍ୟୁ କେବେ ? ଏମିତି ଏକ ଏଆଇ ମଡେଲ୍ ପ୍ରାୟ ୭୮% ସଠିକତା ସହ ଆଗାମୀ ୪ ବର୍ଷ ମଧ୍ୟରେ କାହାର ମୃତ୍ୟୁ ହୋଇପାରେ, ତାହା ଅନୁମାନ କରିଥିବା ଦାବି କରାଯାଇଛି । ତେବେ କ'ଣ ସତରେ ମଣିଷର ମୃତ୍ୟୁ ସମୟ ଆଗୁଆ ଜାଣିପାରିବ ମେସିନ୍ କେମିତି କାମ କରୁଛି ଏହି ଡେଥ୍ କାଲକୁଲେଟର ? ବିଜ୍ଞାନ ଯେତେ ଆଗକୁ ବଢୁଛି, ମଣିଷର କଳ୍ପନା ସେତେ ବାସ୍ତବ ରୂପ ନେଉଛି । ଦିନେ ଯାହାକୁ ଅସମ୍ଭବ ବୋଲି ଭାବୁଥିଲେ, ଆଜି ଇଓ ତାହାକୁ ସମ୍ଭବ କରିବାକୁ ଉଦ୍ୟମ କରୁଛି । ଏବେ ମୃତ୍ୟୁର ଭବିଷ୍ୟବାଣୀକୁ ନେଇ ଆରମ୍ଭ ହୋଇଛି ନୂଆ ଗବେଷଣା। କ'ଣ ଏହି ଡେଥ୍ କାଲକୁଲେଟର ? ଏହି ଏଆଇ ମଡେଲ୍‌ର ନାଁ ହେଉଛି 'Life2vec'। ଡେନମାର୍କର ପ୍ରାୟ ୬୦ ଲକ୍ଷ ଲୋକଙ୍କ ତଥ୍ୟକୁ ଆଧାର କରି ଏହାକୁ ବିକଶିତ କରାଯାଇଛି । ଲୋକଙ୍କ ଜନ୍ମ ତାରିଖ, ଶିକ୍ଷା, ଚାକିରି, ଆୟ, ଘର ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟକୁ ଏଥିରେ ବିଶ୍ଳେଷଣ କରାଯାଇଛି । ଏହି ସବୁ ତଥ୍ୟରୁ ମଣିଷର ଜୀବନର ବିଭିନ୍ନ ଘଟଣା ମଧ୍ୟରେ ଥିବା ସମ୍ପର୍କ ଏବଂ ପ୍ୟାଟର୍ଣ୍ଣକୁ ଚିହ୍ନଟ କରେ ଇଓ । ଏହାପରେ ଭବିଷ୍ୟତରେ କ'ଣ ଘଟିପାରେ, ତାହାର ଆକଳନ କରେ । ୭୮% ସଠିକତାର ଦାବି କେମିତି ? ଗବେଷଣାରେ ୩୫ରୁ ୬୫ ବର୍ଷ ବୟସର ଲୋକଙ୍କ ତଥ୍ୟକୁ ନେଇ ପରୀକ୍ଷା କରାଯାଇଥିଲା ।

ଟ୍ରମ୍ପ-ଜୋ ବାଇଡେନଙ୍କୁ ହତ୍ୟା ଷଡଯନ୍ତ୍ର, ପାକିସ୍ତାନୀ ନାଗରିକଙ୍କୁ ଆମେରିକାରେ ଜେଲଦଣ୍ଡ



ନୂଆଦିଲ୍ଲୀ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ ଏବଂ ଜାତିସଂଘରେ ପୂର୍ବତନ ଆମେରିକୀୟ ରାଷ୍ଟ୍ରଦୂତ ନିକି ହେଲିଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ ପାକିସ୍ତାନୀ ବ୍ୟବସାୟୀ ଆସିଫ ମର୍ଚ୍ଚାଣ୍ଟଙ୍କୁ ଆମେରିକାରେ ୨୭ ବର୍ଷରୁ ଅଧିକ ଜେଲ ଦଣ୍ଡ ଦିଆଯାଇଛି। ସମ୍ବାଦ ସରବରାହ ସଂସ୍ଥା ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ୪୮ ବର୍ଷୀୟ ଆସିଫ କହିଛନ୍ତି ଯେ ସେ ଇରାନର ରିଭୋଲ୍ୟୁସନାରୀ ଗାର୍ଡର ଜଣେ ସଦସ୍ୟଙ୍କ ଦ୍ୱାରା ଏହି ଷଡ଼ଯନ୍ତ୍ରରେ ଯୋଗଦେବା ପାଇଁ ପ୍ରେରଣା ପାଇଥିଲେ । ଚଳିତ ବର୍ଷ ଆରମ୍ଭରେ ମର୍ଚ୍ଚାଣ୍ଟଙ୍କୁ ହତ୍ୟା ଉଦ୍ୟମ ଏବଂ ଆତଙ୍କବାଦ ଉଦ୍ୟମ ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ମଙ୍ଗଳବାର ନ୍ୟୁୟର୍କରେ ତାଙ୍କୁ ଦଣ୍ଡ ଦିଆଯାଇଛି । ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ ଆମେରିକା ଡିଷ୍ଟ୍ରିକ୍ଟ ଜଜ୍ ଏରିକ କମିଟି କହିଛନ୍ତି ଯେ, ଆମେରିକା ରାଷ୍ଟ୍ରପତି କିୟା କୌଣସି ଅନ୍ୟ ବରିଷ୍ଠ ସରକାରୀ ଅଧିକାରୀଙ୍କୁ ସୁଚିନ୍ତିତ ହତ୍ୟା ଠାରୁ ଅଧିକ ଗମ୍ଭୀର ଅଭିଯୋଗ ବୋଧହୁଏ କିଛି ବି ହୋଇପାରେ। ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ ଆମେରିକୀୟ ଜିଲ୍ଲା ବିଚାରପତି ଏରିକ୍ କୋମିଟି ଏହା କହିଛନ୍ତି । ଦଣ୍ଡ ଶୁଣାଣି ସମୟରେ ସେ କୌଣସି ମନ୍ତବ୍ୟ ଦେବାକୁ ମର୍ଚ୍ଚାଣ୍ଟଙ୍କ ନିଷ୍ପତ୍ତି ବିରୁଦ୍ଧରେ ଆବେଦନ କରିବାକୁ ଯୋଜନା କରିଛନ୍ତି, କିନ୍ତୁ ବିଚାରପତି ଆଜୀବନ କାରାଦଣ୍ଡ ପାଇଁ ପ୍ରସିକ୍ୟୁସନ୍ ଦାବିକୁ ପ୍ରତ୍ୟାଖ୍ୟାନ କରିଥିବାରୁ ସେ ଆଶ୍ୱସ୍ତ । ମସ୍କୋୱିଟ୍ଜ କହିଛନ୍ତି, 'ମୁଁ ଭାବୁଛି ଏହା ଦର୍ଶାଉଛି ଯେ ଆମର ନ୍ୟାୟପାଳିକା ସ୍ୱାଧୀନ, ଯାହା ଏକ ଭଲ କଥା।' ଏକ ବିବୃତ୍ତିରେ, ଆମେରିକୀୟ ଆଟର୍ଣ୍ଣି ଜେନେରାଲ ଟଡ୍ ବ୍ଲାଞ୍ଚ କହିଛନ୍ତି ଯେ ମର୍ଚ୍ଚାଣ୍ଟଙ୍କୁ ଉପଯୁକ୍ତ ଦଣ୍ଡ ଦିଆଯାଇଛି । ମର୍ଚ୍ଚାଣ୍ଟ ଜୁରିଙ୍କୁ କହିଥିଲେ ଯେ ସେ ଟ୍ରମ୍ପଙ୍କ ରାଲି ସ୍ଥାନ ବିଷୟରେ ସୂଚନା ସଂଗ୍ରହ କରିଥିଲେ ଏବଂ ଏକ ରାଜନୈତିକ ରାଲି ସମୟରେ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା ବିଷୟରେ ଆଲୋଚନା କରିଥିଲେ। PTI ଅନୁଯାୟୀ, ସେ ଏକ ହୋଟେଲରେ ରୁପକ ବ୍ୟବହାର କରି ଜଣେ ପରିଚିତଙ୍କୁ ପ୍ରସ୍ତାବିତ ଆକ୍ରମଣ ବିଷୟରେ ବୁଝାଇଥିଲେ। ତା'ପରେ ମର୍ଚ୍ଚା କିଛି ଲୋକଙ୍କୁ ଯୋଗାଯୋଗ କରିଥିଲେ ଯାହାକୁ ସେ ଭଡାଟିଆ ହତ୍ୟାକାରୀ ବୋଲି ବିଶ୍ୱାସ କରୁଥିଲେ। ସେ ସେମାନଙ୍କୁ ୫୦୦୦ ଆମେରିକୀୟ ଡଲାର ନଗଦ ଦେଇଥିଲେ, ଯାହାକୁ ସେ ଜଣେ ସମ୍ପର୍କୀୟଙ୍କ ଠାରୁ ଋଣ ନେଇଥିଲେ । କଥିତ ହତ୍ୟାକାରୀ ମାନେ ପ୍ରକୃତରେ ଫେଡେରାଲ୍ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ (FBI)ର ଗୁପ୍ତ ଏଜେଣ୍ଟ ଥିଲେ, ଏବଂ ମର୍ଚ୍ଚାଣ୍ଟଙ୍କୁ ନାପକିନରେ ଏହା ବୁଝାଉଥିବାର ଦେଖିଥିବା ପରିଚିତ ଅଧିକାରୀ ମାନଙ୍କୁ ସୂଚନା ଦେଇଥିଲେ । ମର୍ଚ୍ଚାଣ୍ଟଙ୍କୁ ଜୁଲାଇ ୧୨, ୨୦୨୪ ରେ ଟେକ୍ସାସରେ ଗିରଫ କରାଯାଇଥିଲା, ଯେତେବେଳେ ସେ ପାକିସ୍ତାନକୁ ଏକ ବିମାନରେ ଚଢ଼ିବାକୁ ପ୍ରସ୍ତୁତ ହେଉଥିଲେ । ପେନସିଲଭାନିଆର ବଟଲରରେ ଟ୍ରମ୍ପଙ୍କ ଉପରେ ଯୋଜନାବଦ୍ଧ ହତ୍ୟା ପ୍ରୟାସର ମାତ୍ର ଗୋଟିଏ ଦିନ ପୂର୍ବରୁ ତାଙ୍କର ଗିରଫଦାରୀ ହୋଇଥିଲା । ମର୍ଚ୍ଚାଣ୍ଟ ସାକ୍ଷ୍ୟ ଦେଇଥିଲେ ଯେ ସେ ଇରାନରେ ତାଙ୍କ ସମ୍ପର୍କୀୟଙ୍କ ସୁରକ୍ଷା ପାଇଁ ଚିନ୍ତିତ ଥିବାରୁ ଜଣେ ରେଭଲ୍ୟୁସନାରୀ ଗାର୍ଡ ଅପରେଟିଭଙ୍କ ନିର୍ଦ୍ଦେଶ ପାଳନ କରିଥିଲେ। ସେ ଆଶା କରିଥିଲେ ଯେ ଆମେରିକୀୟ କର୍ତ୍ତୃପକ୍ଷ ଏହି ଷଡ଼ଯନ୍ତ୍ରକୁ ବନ୍ଦ କରିବେ ଏବଂ ସେ ସେମାନଙ୍କ ସହିତ ସହଯୋଗ କରିପାରିବେ।

ଟ୍ରମ୍ପଙ୍କୁ ରିସିଭ୍ କରିବାକୁ ବିମାନ ବନ୍ଦରରେ ପହଁଞ୍ଚିଲେ ଜିନପିଙ୍ଗ୍, ରେଡ୍ କାର୍ପେଟରେ କଲେ ଭବ୍ୟ ସ୍ୱାଗତ



ବେଜିଂ,୧୮ ।୧୧:ଆମେରିକା ଓ ଚୀନ୍ ମଧ୍ୟରେ କୂଟନୈତିକ ସମ୍ପର୍କକୁ ନେଇ ସାରା ବିଶ୍ୱର ରହିଛି ନଜର। ଏହା ଭିତରେ ଏଭଳି ଏକ ଦୃଶ୍ୟ ଏବେ ଅନ୍ତର୍ଜାତୀୟ ରାଜନୀତିରେ ଚର୍ଚ୍ଚା ସୃଷ୍ଟି କରିଛି। ତାହା ହେଲା ଏସିଆ-ପ୍ରଶାନ୍ତ ଆର୍ଥିକ ସହଯୋଗ (APEC) ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଚୀନ୍‌ର ଶେଞ୍ଜେନ୍‌ରେ ପହଞ୍ଚିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଆଉ ତାଙ୍କୁ ସ୍ୱାଗତ କରିବାକୁ ନିଜେ ବିମାନବନ୍ଦରରେ ପହଞ୍ଚିଥିଲେ ଚୀନ୍‌ର ରାଷ୍ଟ୍ରପତି ସି ଜିନପିଙ୍ଗ।ରେଡ୍ କାର୍ପେଟ୍‌ରେ ଦୁଇ ଶକ୍ତିଶାଳୀ ଦେଶର ରାଷ୍ଟ୍ରମୁଖ୍ୟଙ୍କ ଏହି ସାକ୍ଷାତ ଏବେ ବିଶ୍ୱବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। କାରଣ, ଏହା କେବଳ ଏକ ସାଧାରଣ ଔପଚାରିକ ସ୍ୱାଗତ ନୁହେଁ; ବରଂ ଏହାକୁ ଏକ ସୁଚିନ୍ତିତ କୂଟନୈତିକ ପଦକ୍ଷେପ ଭାବେ ଦେଖାଯାଉଛି। କୁହାଯାଉଛି ଯେ, ଜିନପିଙ୍ଗ ପ୍ରଥମ ଥର ଏଭଳି ସୌଜନ୍ୟ ବିଦେଶୀ ନେତାଙ୍କୁ ବିମାନ ବନ୍ଦରରେ ପହଁଚି ସ୍ୱାଗତ କରିଛନ୍ତି। ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରସାରିତ ଭିଡିଓରେ ଦେଖିବାକୁ ମିଳିଛି, ଟ୍ରମ୍ପଙ୍କ ବିମାନ ଅବତରଣ କରିବା ପରେ ତାଙ୍କୁ ସ୍ୱାଗତ କରିବାକୁ ରେଡ୍ କାର୍ପେଟ୍ ନିକଟରେ ଅପେକ୍ଷା କରିଥିଲେ ଜିନପିଙ୍ଗ। ଟ୍ରମ୍ପ ବିମାନରୁ ଓହ୍ଲାଇବା ମାତ୍ରେ ଦୁଇ ନେତା ପରସ୍ପରକୁ ଆଲିଙ୍ଗନ କରି ସ୍ୱାଗତ ଜଣାଇଥିଲେ। ଏହାପରେ ଟ୍ରମ୍ପ ସେଠାରେ ଉପସ୍ଥିତ ଚୀନ୍ର ଅଧିକାରୀମାନଙ୍କୁ ଅଭିବାଦନ ଜଣାଇବା ସହ ଫଟୋ ଉଠାଇଥିଲେ। ରିପୋର୍ଟ ଅନୁସାରେ, ରାଷ୍ଟ୍ରପତି ଭାବେ ଜିନପିଙ୍ଗ ଏଭଳି ଭାବେ ବିମାନବନ୍ଦରକୁ ଯାଇ କୌଣସି ବିଦେଶୀ ନେତାଙ୍କୁ ସ୍ୱାଗତ କରିବା ଏକ ବିରଳ ଘଟଣା। ଆଉ ଏହା ପଛରେ ରହିଛି ଏକ କୂଟନୈତିକ ବାର୍ତ୍ତା। ଏହି ସ୍ୱାଗତର ଆଉ ଏକ ବିଶେଷ ଦିଗ ରହିଛି। ଚଳିତ ବର୍ଷ ଆରମ୍ଭରେ ଆମେରିକା ଗସ୍ତରେ ଯାଇଥିବା ଜିନପିଙ୍ଗଙ୍କୁ ୱାଶିଂଟନ୍ ବିମାନବନ୍ଦରରେ ନିଜେ ପହଞ୍ଚି ସ୍ୱାଗତ କରିଥିଲେ ଟ୍ରମ୍ପ। ଏବେ ଚୀନ୍ର ରାଷ୍ଟ୍ରପତି ସେହି ଆତିଥ୍ୟର ପ୍ରତିଦାନ ଦେଇଛନ୍ତି ବୋଲି ଆଲୋଚନା ହେଉଛି।ଏହି ଘଟଣା ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କରେ ଏକ ନୂଆ ସଙ୍କେତ ଦେଉଥିବା କୁହାଯାଉଛି। ଗୁରୁବାର ଟ୍ରମ୍ପ, ଚୀନ୍ ରାଷ୍ଟ୍ରପତି ଜିନପିଙ୍ଗ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଏକ ଐତିହାସିକ ତ୍ରିପାକ୍ଷିକ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଆଲୋଚନାରେ ଇରାନ୍ ବିବାଦ ଏବଂ ୟୁକ୍ରେନ୍ ଯୁଦ୍ଧ ଭଳି ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ପ୍ରସଙ୍ଗ ଉଠିପାରେ। ଚୀନ୍ ଯିବା ପୂର୍ବରୁ ଟ୍ରମ୍ପ ମନିଲାରେ ଇଏରଇଘ ଶିଖର ସମ୍ମିଳନୀ ଏବଂ ଛଟଇଉ ନେତାଙ୍କ ବୈଠକରେ ଯୋଗ ଦେଇଥିଲେ। ଏହି ଅବସରରେ ଫିଲିପାଇନ୍ସ ସହ ଏକ ନୂଆ ବାଣିଜ୍ୟ ଚୁକ୍ତି ହୋଇଥିବା ନେଇ ସେ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ୍'ରେ ଘୋଷଣା କରିଥିଲେ। ଟ୍ରମ୍ପ ଲେଖିଥିଲେ, ଫିଲିପାଇନ୍ସ ସହ ବାଣିଜ୍ୟ, ଜାତୀୟ ସୁରକ୍ଷା ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଭଲ ଆଲୋଚନା ହୋଇଛି। ଏହି ନୂଆ ବାଣିଜ୍ୟ ଚୁକ୍ତି ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ଏବଂ ବିଶେଷକରି ଆମେରିକାର କୃଷକ ଓ ଶକ୍ତି କ୍ଷେତ୍ର ସହ ଜଡ଼ିତ ଲୋକଙ୍କ ପାଇଁ ଲାଭଦାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଟ୍ରମ୍ପଙ୍କ ସହ ତ୍ରିପାକ୍ଷିକ ବୈଠକ ପୂର୍ବରୁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଶେଞ୍ଜେନ୍‌ରେ ଜିନପିଙ୍ଗଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ବୈଠକରେ ଉଭୟ ନେତା ବର୍ତ୍ତମାନର ଭୂ-ରାଜନୈତିକ ପରିସ୍ଥିତି ଏବଂ ବିଶ୍ୱ ବ୍ୟବସ୍ଥା ଉପରେ ମତ ରଖିଥିଲେ। ପୁଟିନ୍ କହିଥିଲେ, ରୁଷ୍ ଓ ଚୀନ୍ ଏକ ଅଧିକ ନ୍ୟାୟପୂର୍ଣ୍ଣ ବହୁଧ୍ରୁବୀୟ ବିଶ୍ୱ ବ୍ୟବସ୍ଥା ଗଠନ ଦିଗରେ କାମ କରୁଛନ୍ତି। ବର୍ତ୍ତମାନର ଜଟିଳ ଭୂ-ରାଜନୈତିକ ପରିସ୍ଥିତି ମଧ୍ୟରେ ଦୁଇ ଦେଶର ବୈଦେଶିକ ନୀତି ସମ୍ପର୍କ ସ୍ଥିର ରହିଛି ଏବଂ ସକାରାତ୍ମକ ଦିଗରେ ଆଗକୁ ବଢୁଛି। ପୁଟିନଙ୍କୁ ଏହି ମତକୁ ସମର୍ଥନ କରି ଜିନପିଙ୍ଗ କହିଥିଲେ, ବିଶ୍ୱର ଅନିଶ୍ଚିତତା ମଧ୍ୟରେ ଦୁଇ ଦେଶ ଏକ ବହୁଧ୍ରୁବୀୟ ବିଶ୍ୱ ବ୍ୟବସ୍ଥାକୁ ଆଗକୁ ବଢ଼ାଇବା ଏବଂ ଅନ୍ତର୍ଜାତୀୟ ସମ୍ପର୍କକୁ ଅଧିକ ଗଣତାନ୍ତ୍ରିକ କରିବା ଦିଗରେ ନେତୃତ୍ୱ ନେବା ଉଚିତ। ସେ ଆହୁରି କହିଥିଲେ, ରୁଷ୍-ଚୀନ୍ ସମ୍ପର୍କ ଏକ ଅଶାନ୍ତ ବିଶ୍ୱରେ ଅଧିକ ସ୍ଥିରତା ଓ ନିଶ୍ଚିତତା ଆଣିଛି।

ASEAN ସମ୍ମିଳନୀରେ ପାକିସ୍ତାନୀ ଅଟୋରିକ୍ସାରେ ଗଲେ ମୋଦୀ !

ପାକିସ୍ତାନର ଦାବି ଉପରେ ପ୍ରତିକ୍ରିୟା ରଖିଲେ ଭାରତୀୟ ସୋସିଆଲ୍ ମିଡିଆ ୟୁଜର



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୪୯ ତମ ଇଏରଇଘ ସମ୍ମିଳନୀରେ ଯୋଗଦେବା ପାଇଁ ଚଳିତ ନଭେମ୍ବର ୧୬ ଏବଂ ୧୭ ରେ ଫିଲିପାଇନ୍ସର ରାଜଧାନୀ ମାନିଲାକୁ ଦୁଇ ଦିନିଆ ଗସ୍ତରେ ଥିଲେ । ଆଉ ଏହି ଇଏରଇଘ ସମ୍ମିଳନୀ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ଏକ ଖୋଲା ଛାତ ଅଟୋ-ରିକ୍ସାରେ ଚଢ଼ିବାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏହାକୁ ନେଇ ଭାରତର ପଡ଼ୋଶୀ ଦେଶ ପାକିସ୍ତାନ ଦାବି କରିଥିଲା ଯେ, ପ୍ରଧାନମନ୍ତ୍ରୀ ମୋଦୀ ଯେଉଁ ଅଟୋ-ରିକ୍ସାରେ ଚଢୁଥିଲେ ତାହା ପାକିସ୍ତାନରେ ତିଆରି ହୋଇଥିଲା। ପାକିସ୍ତାନୀ ସୋସିଆଲ ମିଡିଆ ହ୍ୟାଣ୍ଡେଲ ଗୁଡ଼ିକ ଦ୍ୱାରା ଏହି ମିଥ୍ୟା ଦାବିର ପର୍ଦ୍ଦାଫାଶ ସେମାନଙ୍କୁ ଲଜ୍ଜିତ କରିଛି ଏବଂ ଭାରତୀୟ ବ୍ୟବହାରକାରୀଙ୍କ ଦ୍ୱାରା କଡ଼ା ସମାଲୋଚନା କରାଯାଇଛି । ସୋସିଆଲ ମିଡିଆ ବ୍ୟବହାରକାରୀ ମାନେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି, ଆତଙ୍କବାଦୀ ରପ୍ତାନିକାରୀ ପାକିସ୍ତାନ କେବେ ବୈଦ୍ୟୁତିକ ଅଟୋ-ରିକ୍ସା ରପ୍ତାନି କରିବା ଆରମ୍ଭ କରିଥିଲା ? ପ୍ରକୃତରେ, ପ୍ରଧାନମନ୍ତ୍ରୀ ମୋଦୀ, ବିଶ୍ୱର ଅନେକ ଦେଶର ନେତାଙ୍କ ପରି, ମଙ୍ଗଳବାର (ନଭେମ୍ବର ୧୭, ୨୦୨୬) ମାନିଲାରେ ଆୟୋଜିତ ଗାଲା ଡିନରରେ ପହଁଚିବା ପାଇଁ ଏକ ସ୍ୱତନ୍ତ୍ର ଭାବରେ ସଜାଯାଇଥିବା ତିନି ଚକିଆ ଯାନରେ ଯାତ୍ରା କରିଥିଲେ। ଇଏରଇଘ ସମ୍ମିଳନୀର ଆୟୋଜକ ଦେଶ ଫିଲିପାଇନ୍ସ କଳାକୃତି ସହିତ ରଙ୍ଗୀନ ଯାନ ବ୍ୟବସ୍ଥା କରିଥିଲା । ଏହା ଉଲ୍ଲେଖନୀୟ ଯେ ଫିଲିପାଇନ୍ସରେ ସାଧାରଣ ଯାନରେ ଏପରି କଳାକୃତି ପ୍ରାୟତଃ ଦେଖାଯାଏ । ତଥାପି, ପାକିସ୍ତାନୀ ସୋସିଆଲ ମିଡିଆ ହ୍ୟାଣ୍ଡେଲ ଗୁଡ଼ିକ ଦ୍ୱାରା କରାଯାଇଥିବା ଦାବି ଭିନ୍ନ ଥିଲା । ଯାନଟି ଭାରତର ବଜାଜ ଅଟୋ ଦ୍ୱାରା ନିର୍ମିତ ଏକ ସ୍ୱତନ୍ତ୍ର ଭାବରେ ସଜାଯାଇଥିବା ଦୁଇ ଚକିଆ ଅଟୋ-ରିକ୍ସା ଥିଲା । ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ ଅଟୋ-ରିକ୍ସା ଚଲାଇଥିବାର ଏକ ଭିଡିଓ ପ୍ରକାଶ ପାଇଲା, କିଛି ପା